## ବିଦ୍ୟୁତ୍ ଆଘାତରେ ଜୀବନଗଲା

ଭଦ୍ରକ ଅଫିସ: ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଘନଟା ଗାଁରେ ସୋମବାର ବିଦ୍ୟୁତ୍ ଆଘାତରେ ସୁରେଶ ଦାସ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାନ୍ଦବାଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଆନ୍ଧ୍ରରୁ ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ

ବାରିପଦା ଅଫିସ,୨୬।୭- ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିବା ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଗୁଡ଼ିଆଲବନ୍ଧ ପଞ୍ଚାୟତ କଦଳିଆପାଳ ଗ୍ରାମର ଜନୈକ ଯୁବକଙ୍କ ମୃତଦେହ ସୋମବାର ଗାଁକୁ ଫେରିଛି। ସେ ହେଲେ ବାପୁନ ନାଏକ(୨୫)। ଆନ୍ଧ୍ରପ୍ରଦେଶରୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ତାଙ୍କ ମରଶରୀର ଆସି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବର୍ଷକ ତଳେ ସେ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ କ୍ରଶରରେ ରହି କାମ କରୁଥିବା ବେଳେ ଶୁକ୍ରବାରଠାରୁ ନିଖୋଜ ହୋଇଯାଇଥିଲେ। ରବିବାର ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ପୋଲିସ ଜବତ କରିଥିଲା। ଏ ସଂକ୍ରାନ୍ତରେ ସେଠାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ୧୦୨ ପରିବାରକୁ ରାଶନ ସାମଗ୍ରୀ

ପାଟଣା,୨୬।୭(ସ୍ୱ. ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ୀ କାପୁଡି ପଞ୍ଚାୟତ ନେଉଳପଶି ଗ୍ରାମର ଅଙ୍ଗନୱାଡି ପଡ଼ିଆରେ ସମସ୍ତ ୧୦୨ ପରିବାରକୁ ସୋମବାର ବିଜେଡି ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ସ୍ଥାନୀୟ ସମିତି ସଭ୍ୟ ଉମ୍ବରୁ ଧର ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, ସରପଞ୍ଚ ଯଦୁମଣି ନାଏକ ପ୍ରମୁଖ ଯୋଗ ଦେଇଥିଲେ।

### ଚାରା ବଣ୍ଟନ

କେନ୍ଦୁଝର, ୨୬।୭(ଡି.ଏନ୍.ଏ.): ରୋଟାରୀ କ୍ଲବ ଅଫ୍ କେନ୍ଦୁଝରଗଡ ତରଫରୁ କୃଷକ ବଜାରଠାରେ ମାଗଣାରେ ୧୫୦ଟି ଚାରା ଗଛ ଜନସାଧାରଣଙ୍କୁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମଟି ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ଡ. ରାଜେନ୍ଦ୍ର ପଲେଇ, ସମ୍ପାଦିକା ରୋଟାରିଆନ୍ ନିରୁପମା ସ୍ୱାଇଁ, ସର୍ଭିସ ପ୍ରୋଜେକ୍ଟ ଡାଇରେକ୍ଟର ରୋଟାରିଆନ୍ ବିଶ୍ୱ ପ୍ରକାଶ ଭଟ୍ଟାଚାର୍ଯ୍ୟ, ଗୋ ଗ୍ରିନ ଚେୟାରମ୍ୟାନ୍ ରୋଟାରିଆନ୍ ଦେବବ୍ରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଅନ୍ୟ ରୋଟାରିଆନ୍‌ଙ୍କ ମଧ୍ୟରେ ସଞ୍ଜୟ ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ମହେଶ ଚାୱଡା, ସଞ୍ଜିବ ଓତା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

### ଭଦ୍ରକ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

ଭଦ୍ରକ ଅଫିସ,୨୬।୭: ଭଦ୍ରକ ମହାବିଦ୍ୟାଳୟ ପରିସରରେ ଥିବା ଛାତ୍ରସଂସଦ ଭବନରେ ପୁରାତନ ଛାତ୍ରସଂସଦର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୨ରେ ପାଳନ ହେବାକୁ ଥିବା ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ହୋଇଥିଲା। ସଭାପତି ପ୍ରଫେସର ଦେବେନ୍ଦ୍ର ନାଥ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଜୟ ନାୟକ ମହାବିଦ୍ୟାଳୟର ବିଭିନ୍ନ ସୁବିଧା ଅସୁବିଧା ବିଷୟରେ କହିବା ସହ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଆସନ୍ତା ବର୍ଷ ଆସିବାକୁ ଥିବା ନାକ୍ କମିଟି ପହଞ୍ଚିବା ପୂର୍ବରୁ ଆବଶ୍ୟକ ନଥିପତ୍ର ପ୍ରସ୍ତୁତ କରି ରଖିବା ପାଇଁ ଅଧକ୍ଷଙ୍କୁ ଅନୁରୋଧ କରିଥିଲେ। ଆସନ୍ତାବର୍ଷ ଜୁଲାଇ ୬ରୁ ୮ ତାରିଖ ୩ଦିନ ବ୍ୟାପୀ ପାଳନ ଲାଗି ଆପାତତଃ ସ୍ଥିର ହୋଇଛି। କଲେଜ ଅଧକ୍ଷ ଡ. ଉମାକାନ୍ତ ସାହୁ ସମସ୍ତ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଫେସର ବଳରାମ ମିଶ୍ର, ଡା. ଦୁର୍ଯ୍ୟୋଧନ ଦାସ, ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅଧିବକ୍ତା ନିତ୍ୟାନନ୍ଦ ଦାସ, ହରମୋହନ ଜେନା, ସୌରେନ୍ଦ୍ର ମହାନ୍ତି, ଭଦ୍ରକ ଓକିଲ ସଂଘ ସଭାପତି ଦିଲୀପ ମହାପାତ୍ର, ସମ୍ପାଦକ ଜିତେନ ପଣ୍ଡା, ଅଧିବକ୍ତା ଗଦାଧର ବଳ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

ବିଶୋଇ,୨୬।୭(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ଖଡ଼ମବେଡ଼ା ନିକଟରେ ସୋମବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାନ ଭାଇ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ବିଶୋଇ ଥାନା ଅଧୀନ ମାଝି ସାହି ଗ୍ରାମର ସାଉନା ମାରାଣ୍ଡି(୨୯)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ବିଶୋଇ ସ୍ଥିତ ୪୯ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଡାକଟଟି ଛକଠାରୁ ଖଡ଼ମବେଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ହୋଇପାରିନାହିଁ ଫଳରେ ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ନୂଆ ରୂପ ପାଇବ ଶାଳ ଜଙ୍ଗଲ

■ନର୍ସରିରେ କୃତ୍ରିମ ଉପାୟରେ ସୃଷ୍ଟି କରାଯିବ ଚାରା

■୬ ହେକ୍ଟର ଜମିରେ ହେବ ବନୀକରଣ

■୮୦ ହଜାର ଗଛ ଲଗାଇବାକୁ ବନ ବିଭାଗର ଯୋଜନା

କେନ୍ଦୁଝର, ୨୬।୭ (ସ୍ୱ.ପ୍ର.)

ଖଣିଖାଦାନରେ ଭରା କେନ୍ଦୁଝର ଜିଲାର ଜଙ୍ଗଲ ସମ୍ପଦକୁ ସମୃଦ୍ଧ କରିଛି ବିସ୍ତୀର୍ଣ୍ଣ ଶାଳ ଜଙ୍ଗଲ। ହେଲେ ରକ୍ଷଣାବେକ୍ଷଣ ଅଭାବ ଏବଂ କାଠଚୋରଙ୍କ ପ୍ରାଦୁର୍ଭାବ ଯୋଗୁ ଏହି ମୂଲ୍ୟବାନ ଜଙ୍ଗଲ ଏବେ ଅବକ୍ଷୟମୁଖୀ। ଏକଦା ଘଞ୍ଚ ଶାଳ ଗଛରେ ଭରପୂର ଜଙ୍ଗଲ ଏବେ ପଦା ହେବାକୁ ବସିଲାଣି। ତେବେ ବିଳମ୍ବରେ ହେଲେ ବି ଧ୍ୱଂସପ୍ରାୟ ଶାଳ ଜଙ୍ଗଲର ଭରଣା କରିବାକୁ ଜିଲା ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ। ହେଲେ ପ୍ରାକୃତିକ ନୁହେଁ, ଏଣିକି କୃତ୍ରିମ ଉପାୟରେ ନର୍ସରିରେ ଚାରା ଉତ୍ପାଦନ କରି ଶାଳ ଜଙ୍ଗଲ ସୃଷ୍ଟି କରାଯିବ। ଏଥିଲାଗି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ସହିତ ଆବଶ୍ୟକ କାର୍ଯ୍ୟ ଆରମ୍ଭ କରିଛି ବନ ବିଭାଗ।

ଶାଳ ଗଛ ବହୁ ମୂଲ୍ୟବାନ। ପ୍ରାକୃତିକ ପରିବେଶ ମଧ୍ୟରେ ଶାଳ ଜଙ୍ଗଲ ସୃଷ୍ଟି ହୋଇଥାଏ। କୁହାଯାଏ ଶାଳ ମଞ୍ଜି ଗଛରୁ ମାଟିରେ ପଡ଼ିବା ପରେ ୨୪ ଘଣ୍ଟା ମଧ୍ୟରେ ଅଙ୍କୁରୋଦଗମ ହେଲେ ଗଛ ହୋଇଥାଏ। ଏଣୁ କୃତ୍ରିମ ଉପାୟରେ ଶାଳ ଜଙ୍ଗଲ ଅସମ୍ଭବ ମନେ କରି ଏହାକୁ ବନୀକରଣରେ ସାମିଲ କରାଯାଉ ନ ଥିଲା। ତେବେ ଏହାକୁ ସଫଳତାର ସହ ବନୀକରଣ କରିବା ପାଇଁ କେନ୍ଦୁଝର ବନଖଣ୍ଡ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ସଦର ବ୍ଲକ ପଦ୍ମପୁର ନିକଟରେ ପ୍ରାୟ ୬ ହେକ୍ଟର ପରିମିତ ଗ୍ରାମ ଜଙ୍ଗଲ କିସମ ଜମିରେ ୧୦ହଜାର ପରୀକ୍ଷାମୂଳକ ଶାଳ ଗଛ ଚାରା ରୋପଣ ନିକଟରେ କରାଯାଇଛି। ଏହି ଶାଳ ଚାରା ବନୀକରଣ ସଫଳ ହେଲେ ଏହା ଏକ ନୂଆ ଦିଗଦର୍ଶନ ଦେବ ବୋଲି ଡିଏଫ୍ଓ ସ୍ୱୟମ ମଲ୍ଲିକ କହିଛନ୍ତି।

ଏଭଳି ସଫଳତା ଶାଳ ବନୀକରଣ ପାଇଁ ଦେଢବର୍ଷର ଶାଳ ଚାରା, ପାଣିର ବ୍ୟବସ୍ଥା ଏବଂ ସୁରକ୍ଷା ନିମନ୍ତେ ବାଡ଼ ବ୍ୟବସ୍ଥା ଜରୁରୀ। ଡିସେମ୍ବର ପର୍ଯ୍ୟନ୍ତ ଚାରା ବଞ୍ଚିଗଲେ ଜଙ୍ଗଲ ସୃଷ୍ଟି ହୋଇ ପାରିବ, ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ଝାଡ଼ବେଲଦା ନିକଟରେ ଓଡ଼ିଶା ଖଣି ନିଗମ ପକ୍ଷରୁ ହେବାକୁ ଥିବା କ୍ଷତିପୂରଣ ବନୀକରଣରେ ୫୦ ପ୍ରତିଶତ ଏହି



ନର୍ସରୀରେ ଥିବା ଶାଳଚାରା।

ଶାଳ ଚାରାରୋପଣ କରିବା ନେଇ ଚୁକ୍ତି ହୋଇଥିବା ଜଣାପଡ଼ିଛି। ସେଠାରେ ପାଣି ସହିତ ଜଗାରଖା ବ୍ୟବସ୍ଥା (ସୁରକ୍ଷାବାଡ଼) କରିବା ପାଇଁ ବନ ବିଭାଗ ସ୍ଥିର କରିଛି। ଜିଲାରେ ପଦ୍ମପୁର, ବେଲଦା ସମେତ ଅନ୍ୟାନ୍ୟ ବନ ବିଭାଗ ନର୍ସରିରେ ପାଖାପାଖି ୮୦ ହଜାର ଶାଳ ଚାରା ସୃଷ୍ଟି କରାଯାଇଛି। ଏସବୁ ଦେଢବର୍ଷ ହେଲେ ଲଗାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। କମ୍ ପରିଶ୍ରମରେ ବଞ୍ଚୁଥିବା ଓ କମ ଦିନରେ ବଡ଼ ହେଉଥିବା ଗଛ ଲଗାଇ ସଫଳତା ଦେଖାଇ ଆସୁଥିଲେ ହେଁ ଏହାକୁ ଏବେ ଡିଏଫଓ ମଲ୍ଲିକ ଚ୍ୟାଲେଞ୍ଜ ଭାବେ ନେଇ ଶାଳ ଜଙ୍ଗଲ ସୃଷ୍ଟି କରି ଉଦାହରଣ ସୃଷ୍ଟି କରିବାକୁ ଆଗେଇଛନ୍ତି।

ଶାଳ ଜଙ୍ଗଲ ସୃଷ୍ଟି କରିବା ଯଦିଓ ସହଜ ନୁହେଁ, ତେବେ ଏଭଳି ଉଦ୍ୟମ ସଫଳ ହେଲେ ପ୍ରକୃତିର ସୁରକ୍ଷା ପାଇଁ ବହୁତ ବଡ ସଫଳତାର ମନ୍ତ୍ର ମିଳିଯିବ ବୋଲି ପରିବେଶବିତ୍ ରମେଶ ଚନ୍ଦ୍ର ମିଶ୍ର କହିଛନ୍ତି। ସେହିପରି ପିଲାଦିନରୁ ଶାଳ ଜଙ୍ଗଲ ଦେଖି ଆସିଛୁ ଓ ଏହାର ଉପାଦେୟତା ଶୁଣି ଆସିଛୁ। ଏଥିରେ ବହୁ ଔଷଧୀୟ ଗୁଣ ରହିଛି। ପରିବେଶ ସୁରକ୍ଷାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ତେବେ ଦ୍ରୁତ ଅବକ୍ଷୟ ହେଉଥିବା ଶାଳ ଜଙ୍ଗଲର ପରିପୂରଣ ଏହା ଦ୍ୱାରା ହୋଇପାରିବ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

## ସାପକାମୁଡ଼ାରେ ୪ ମୃତ

ଯୋଡ଼ା/କେନ୍ଦୁଝର/ଠାକୁରମୁଣ୍ଡା ୨୬।୭(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ସାପ କାମୁଡ଼ାରେ ୪ଜଣଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝରରେ ୩ ଓ ମୟୂରଭଞ୍ଜ ଜଣଙ୍କ ଜୀବନ ଯାଇଛି। ସୂଚନା ଅନୁଯାୟୀ, ଯୋଡ଼ା ବାମେବାରୀ ଥାନା ଅଞ୍ଚଳର ବଳଦା ଗ୍ରାମର ଅରୁଣ ଦେହୁରୀ(୧୨) ରବିବାର ପଡ଼ିଆରେ ଖେଳୁଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ିଦେଇଥିଲା। ପରିବାର ଲୋକେ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସେହିପରି ବାଂଶପାଳ ବ୍ଲକ ବଳାଣିପଶି ପଞ୍ଚାୟତର ଚାଉଳଦୂଆ କଅଁସ ଗ୍ରାମର ଶୁକଦେବ ଜୁଆଙ୍ଗ (୫୫) ଓ ଟିଙ୍କିଲି ଜୁଆଙ୍ଗ (୪୯)ଙ୍କୁ ରବିବାର ରାତିରେ ଏକ ଚିତି ସାପ କାମୁଡ଼ିଥିଲା। ସୋମବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିଙ୍କିଲି ଓ ଅପରାହ୍ନରେ ଶୁକଦେବଙ୍କ ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡ଼ା ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ ବିଜୟ ଲୋହାରଙ୍କ ପୁଅ ମଦନମୋହନ।

# 'ବିକାଶ ପ୍ରସଙ୍ଗ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହୁ'

ଖଇରା,୨୬।୭(ଡି.ଏନ.ଏ.)

ଭାରତରେ ୬୬ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି। ଏଣୁ ଗମନାଗମନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା କି ପାନୀୟ ଜଳ ହେଉ ଏଥିରେ ଯଥେଷ୍ଟ ଉନ୍ନତି ବା ଏହାର ବିକାଶ ହେବା ଦରକାର। ବିକାଶ ପ୍ରସଙ୍ଗ ସବୁବେଳେ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହିବା ଦରକାର। ଏଥିରେ ଗଣମାଧ୍ୟମର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଅମ୍ବିକା ମନ୍ଦିର ପରିସରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଶାଖା ତଥା ଖଇରା ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ 'ଗ୍ରାମାଞ୍ଚଳ ବିକାଶରେ ଗଣମାଧ୍ୟମର ଭୂମିକା' ଉପରେ ଆୟୋଜିତ କର୍ମଶାଳାରେ ମନ୍ତ୍ରୀ ପାଣିଗ୍ରାହୀ ଏହା କହିଥିଲେ। କର୍ମଶାଳାରେ ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ଅଧକ୍ଷତା କରିଥିଲେ। ଖଇରା ସାମ୍ବାଦିକ ସଂଘର ସଭାପତି ଉତ୍କଳବନ୍ଧୁ ପଣ୍ଡା ଅତିଥି ପରିଚୟ ଓ ଓୟୁଜେର ପୂର୍ବତନ ଜିଲା ସଭାପତି ଶିଶିର କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ଉପସଭାପତି କିଶାନ ରାଉତ, ଜିଲା ସଭାପତି ଗଙ୍ଗାଧର ରାଉତ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ, ଖଇରା ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ସଭ୍ୟ ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ କାରଗିଲ୍ ଦିବସ ଅବସରରେ ଶହିଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବଳରାମ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଖଇରା ସମେତ ସୋର, ସିମୁଳିଆ, ଔପଦା ବ୍ଲକରୁ ଖବରଦାତାମାନେ ଅଂଶ ଗ୍ରହଣ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

## ବ୍ୟାଙ୍କ ସମ୍ମୁଖରୁ ୪୯ ହଜାର ଲୁଟ୍

ବାସୁଦେବପୁର, ୨୬।୭(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ସ୍ଥିତ ୟୁକୋ ବ୍ୟାଙ୍କ ସମ୍ମୁଖରୁ ସୋମବାର ଅପରାହ୍ନରେ ମାୟାଧର ପରିଡ଼ା ନାମକ ଜଣେ ବ୍ୟକ୍ତିଙ୍କଠାରୁ ୪୯ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ସନ୍ଧ୍ୟାରେ ମାୟାଧରଙ୍କ ଅଭିଯୋଗ ପରେ ନାୟକାଣିଡିହୀ ଥାନା ପୋଲିସ ଅନୁସନ୍ଧାନ ଚଳାଇଛି। ଅଭିଯୋଗ ଅନୁଯାୟୀ, ମାୟାଧର ଟଙ୍କା ଉଠାଇ ବ୍ୟାଙ୍କ ସମ୍ମୁଖରେ ଠିଆ ହୋଇଥିଲେ। ଏହି ସମୟରେ ଜଣେ ଅଚିହ୍ନା ବ୍ୟକ୍ତି ଆସି ତାଙ୍କୁ ଏକ ୨ ହଜାର ଟଙ୍କା ନୋଟ ଦେଖାଇ ଚେଞ୍ଜ କରିବାକୁ କହିଥିଲେ। ମାୟାଧର ଟଙ୍କା ବାହାର କରୁଥିବା ବେଳେ ସେ ତାଙ୍କ ହାତରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଏକ ବାଇକ୍‌ରେ ଫେରାର ହୋଇଯାଇଥିଲେ। ମାୟାଧର ତାଙ୍କୁ ପିଛା କରି କିଛିବାଟ ଯାଇ ନିରାଶ ହୋଇ ଫେରିଥିଲେ।

## 'ପୀଠ ସମ୍ପ୍ରସାରଣ କାର୍ଯ୍ୟ ଧର୍ମକୁ ଆଖିଠାର'

ଆରଡ଼ି, ୨୬।୭ (ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ଆଖଣ୍ଡଳମଣି ପୀଠ ସମ୍ପ୍ରସାରଣ କାର୍ଯ୍ୟକୁ ନେଇ ଭାଜପାର ବରିଷ୍ଠ ନେତା ମନମୋହନ ସାମଲ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଶ୍ନ ଉଠାଇଛନ୍ତି। କେବଳ ଆରଡ଼ି ନୁହେଁ ସାରା ଓଡ଼ିଶାରେ ୧୫ ମାସ ଧରି ଆର୍ଥିକ ସମସ୍ୟାରେ ସମ୍ମୁଖୀନ ହୋଇଥିବା ସମସ୍ତ ସେବାୟତ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ ଓ ଆରଡ଼ିରେ ବ୍ୟବସାୟକୁ ଆଧାର କରି ପେଟ ପୋଷୁଥିବା ଶତାଧିକ ବ୍ୟବସାୟୀଙ୍କ ଦୋକାନ ଭାଙ୍ଗିଥିବା ଜିଲା ପ୍ରଶାସନ ସେମାନଙ୍କୁ ତୁରନ୍ତ ଦୋକାନ ଯୋଗାଇବା ଲାଗି ଦାବି କରିଛନ୍ତି। ଏଥିସହ ମନ୍ଦିର ପାଚେରି ଭାଙ୍ଗି ବେଢ଼ା ସମ୍ପ୍ରସାରଣ ନ କରିବା, ପୀଠ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁର ଅପେକ୍ଷାରେ ଥିବା ୩୫୦ କୋଟିରୁ ୧ ହଜାର କୋଟି ଅର୍ଥରାଶିକୁ ଉପେକ୍ଷା କରି ମାତ୍ର ୬ କୋଟିରେ କାର୍ଯ୍ୟ କରାଯିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ।

ଆରଡ଼ିରେ ଖୁବ୍ କମ୍ ଦିନ ମଧ୍ୟରେ ମାଷ୍ଟରପ୍ଲାନ କାର୍ଯ୍ୟକାରୀ, ୫୦ ହଜାର ଭକ୍ତଙ୍କ ସମାବେଶ ହେଲା ଭଳି ବେଢ଼ା ନିର୍ମାଣ, ବେଢ଼ା ସମ୍ପ୍ରସାରଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଘର ଭଙ୍ଗାଯାଇ ସେମାନଙ୍କୁ ନୂତନ ଘର ଯୋଗାଇ ଦିଆଯିବା ନେଇ ପ୍ରସ୍ତାବ ରହିଛି। ଏଭଳି ସ୍ଥିତିରେ ଭବିଷ୍ୟତକୁ ଆଖି ଆଗରେ ନ ରଖି ଜିଲା ପ୍ରଶାସନ ତରବରିଆ ଭାବେ ସମ୍ପ୍ରସାରଣ କାର୍ଯ୍ୟ କରିବା ଧର୍ମକୁ ଆଖିଠାର ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଭାଜପା ସ୍ଥାନୀୟ ଅଞ୍ଚଳରେ ଘର ଘର ବୁଲିବା ସହ ଆବଶ୍ୟକ ସ୍ଥଳେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଭାଜପାର ବରିଷ୍ଠ ନେତା କାହ୍ନୁ ଚରଣ ବେହେରା, କିଶୋର ନାୟକ, ସୁରେଶ ସାହୁ, ସ୍ୱଦେଶ ପଣ୍ଡା, ରବୀନ୍ଦ୍ର ମହାକୁଳ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପାଟଣା,୨୬।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଚାଖୁଣ୍ଡାପାଳ ଗ୍ରାମର ନାଏକ ସାହିରେ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଘନଶ୍ୟାମ ନାଏକଙ୍କ ପୁଅ ଅନୀଲ କୁମାର ନାଏକ। ଏହା ଏକ ପ୍ରେମ ଜନିତ ଆତ୍ମହତ୍ୟା ବୋଲି ତୁରୁମୁଙ୍ଗା ଥାନା ଅଧିକାରୀ ବୈଦ୍ୟନାଥ ସାହୁ ପ୍ରାଥମିକ ତଦନ୍ତରୁ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୧) ରୁଜୁ ହୋଇଛି।

## ପୌର ଅଧିକାରୀଙ୍କୁ ଭେଟିଲେ ବୁଦ୍ଧିଜୀବୀ

ଜଳେଶ୍ୱର, ୨୬।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକାର ୪ଟି ମୌଳିକ ସମସ୍ୟାର ସମାଧାନ ପାଇଁ ସୋମବାର ସ୍ଥାନୀୟ ବୁଦ୍ଧିଜୀବୀମାନେ ପୌର ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପୌରାଞ୍ଚଳରେ ଥିବା ରାସ୍ତାଗୁଡ଼ିକ ମରାମତି, ହୋଲ୍ଡିଂ ଟ୍ୟାକ୍ସର ନୀତିଗତ ନିଷ୍ପତ୍ତି, ସହରର ଜଳ ନିଷ୍କାସନ, ଷ୍ଟ୍ରିଟ ଲାଇଟ୍ ଲଗାଇବା ଏବଂ ମରାମତି ସମ୍ପର୍କରେ ସେମାନେ ପୌର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ସମାଜ କଲ୍ୟାଣ ବିକାଶ ପରିଷଦର ସମ୍ପାଦକ ତଥା ଆଇନଜୀବୀ ରାମଚନ୍ଦ୍ର ଜେନା, ଇଂ. ରାମଚନ୍ଦ୍ର ସାହୁ, ପ୍ରଫେସର ଡ. ରମାକାନ୍ତ ଭଞ୍ଜ, ପ୍ରଫେସର ଜିତାରାମ ଦେ, ଶରତ ପରିଡ଼ା, ବନମାଳି ଧଳ, ମୁରଲୀ ମୋହନ ପ୍ରଧାନ, ରଜନୀକାନ୍ତ ଭୂୟାଁ, ରବୀନ୍ଦ୍ର ପାତ୍ର, ରିଆଜ ଖାଁ, ରବିନାରାୟଣ ପାତ୍ର, ସତ୍ୟବ୍ରତ ସୋମ, ଅବନୀଚାନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ୧୫ ଦିନ ମଧ୍ୟରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ସମ୍ପର୍କରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର ସ୍ପଷ୍ଟ କରିଥିବା ବେଳେ ହୋଲ୍ଡିଂ ଟ୍ୟାକ୍ସ ନେଇ କୌଣସି ବ୍ୟକ୍ତି ତାଙ୍କ ସହ ଆଲୋଚନା କଲେ ସମାଧାନ କରାଯିବ ବୋଲି କହିଥିଲେ।

# ବିଡିଓଙ୍କୁ ଘେରିଲେ ହିତାଧିକାରୀ

ବାଲିଆପାଳ,୨୬।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଏବଂ ପଞ୍ଚୁପାଲି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ନୂଆ ଆବାସ ଯୋଜନା ତାଲିକାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ସୋମବାର ବାଲିଆପାଳ ବିଡିଓଙ୍କୁ ଘେରାଉ କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦୁଇ ପଞ୍ଚାୟତରେ ବହୁ ଗରିବ ଲୋକ ଦୀର୍ଘଦିନ ଧରି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ନିଜର ନାମକୁ ଅପେକ୍ଷା ରହିଥିବା ବେଳେ ସରକାରଙ୍କ ଚଳିତବର୍ଷ ପ୍ରକାଶିତ ନୂଆ ଆବାସ ଯୋଜନା ତାଲିକାରୁ ସେମାନଙ୍କର ନାମ ବାଦ୍ ପଡ଼ିଛି। ପୁରୁଣା ତାଲିକାରେ ଥିବା ସମସ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ବିଡିଓ ଲଳିତ ସରେଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କୁ ଏକ ମାସ ମଧ୍ୟରେ ଯଦି ଆବାସ ଯୋଜନାରେ ସାମିଲ କରା ନ ଯାଏ ତା'ହେଲେ ଆଗାମୀ ଦିନରେ ଗ୍ରାମବାସୀ ଏକତ୍ରିତ ହୋଇ ବ୍ଲକ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# କାର୍ଗିଲ ବିଜୟ ଦିବସ

ଭଦ୍ରକ ଅଫିସ,୨୬।୭

ରୋଟାରୀ ମିଡ୍‌ଟାଉନ ଭଦ୍ରକ ପକ୍ଷରୁ ସୋମବାର କାର୍ଗିଲ ବିଜୟ ଦିବସ କୋଭିଡ୍ କଟକଣା ମଧ୍ୟରେ ଭର୍ଚୁଆଲରେ ପାଳିତ ହୋଇଯାଇଛି। ସଭାପତି ରୋଟାରିଆନ ପବିତ୍ର ମୋହନ ଖିଲାରଙ୍କ ପୌରୋହିତ୍ୟ ଓ ଶିଶିର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାକୁ ରୋଟାରିଆନ ରାହୁଲ ଖେରିଆ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ରୋଟାରିଆନ କୁନା ତ୍ରିପାଠୀ ଏବଂ ଅନ୍ୟତମ ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଶ୍ରୀୟାନ୍ ନାୟକ, ଲିପ୍ସା ମିଶ୍ର, ବ୍ୟଙ୍ଗ ଅଭିନେତା ପ୍ରଜ୍ଞା ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଯୁଦ୍ଧରେ ଶହୀଦମାନଙ୍କୁ ଯେତେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମଧ୍ୟ କମ୍ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଗିଲ ବିଜୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନା ଦାବି

କେନ୍ଦୁଝର, ୨୬।୭ (ସ୍ୱ.ପ୍ର.)

ଆଦିବାସୀ ବହୁଳ କେନ୍ଦୁଝର ଜିଲାକୁ ଶିକ୍ଷା ସମେତ ସବୁ କ୍ଷେତ୍ରରେ ଅବହେଳା କରାଯାଇଆସୁଛି। ରାଜ୍ୟରେ ଅନ୍ୟାନ୍ୟ ଆଦିବାସୀ ବହୁଳ ଜିଲା କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡରେ ବିଶ୍ୱ ବିଦ୍ୟାଳୟ ସ୍ଥାପନା ହୋଇଥିଲେ ହେଁ କେନ୍ଦୁଝର ଭଳି ଅବିଭକ୍ତ ଆଦିବାସୀ ଜିଲାରେ କୌଣସି ବିଶ୍ୱ ବିଦ୍ୟାଳୟ ସ୍ଥାପନା ହୋଇନାହିଁ। ଏଣୁ କେନ୍ଦୁଝର ଜିଲାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନା ପାଇଁ ଭାଜପା ପକ୍ଷରୁ ଦାବି ହୋଇଛି। ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ଶର୍ମା ଦିଲ୍ଲୀରେ କେନ୍ଦ୍ର ମୁଖ୍ୟମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ତେବେ ଏଭଳି ପରିସ୍ଥିତିରେ ଓଡିଶାରେ ଏଭଳି ବିଶ୍ୱ ବିଦ୍ୟାଳୟ ସ୍ଥାପନା ହେବାର ଆବଶ୍ୟକତା ରହିଥିବାବେଳେ ରାଜ୍ୟର ପଛୁଆ ତଥା ଶିକ୍ଷା କ୍ଷେତ୍ରରେ ଅବହେଳିତ ଆଦିବାସୀ ବହୁଳ କେନ୍ଦୁଝର ଜିଲାରେ ଏଭଳି ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଆବଶ୍ୟକତା ଥିବା ସେମାନେ ଯୁକ୍ତି ବାଢିଛନ୍ତି।

# ମନ୍ଦିର ଉନ୍ନତୀକରଣ ନିମ୍ନମାନର



ସେବାୟତ ସଂଘ ପକ୍ଷରୁ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ସେବାୟତ ସଂଘ**

ବାରିପଦା ଅଫିସ,୨୬।୭

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟ ନିମ୍ନମାନର ହେଉଥିବା ସେବାୟତ ସଂଘ ଅଭିଯୋଗ କରିଛି। ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୮ତାରିଖ ସୁଦ୍ଧା ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ସେବାୟତମାନେ ସକାଳ ୯ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଗସ୍ତ କରି ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ପରେ ମନ୍ଦିରର ଉନ୍ନତି ପାଇଁ ପ୍ରଥମ ପର୍ଯ୍ୟାୟରେ ୫କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ତେବେ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ କରୁଥିବା ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରୋଷେଇ ଘର ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବାରୁ ଆଗାମୀ ଦିନରେ ସେବାୟତମାନେ ବହୁ ଅସୁବିଧାର ସମ୍ମୁଖିନ ହେବେ ବୋଲି ଜଣାଇଛନ୍ତି। ସେହିପରି ମନ୍ଦିର ପାହାଚ, ନାଟ ମଣ୍ଡପ ଆଦି ସ୍ଥାନରେ ଖଣ୍ଡ ଲାଇଟ ଟାଇଲ ଲଗା ନ ଯାଇ ଗ୍ରାନାଇଟ ଟାଇଲ ଲଗାଯାଇଛି। ଏହି ସବୁ ଅବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ ଚାଲୁଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ତଦନ୍ତ କରାଯାଉନାହିଁ ବୋଲି ପୂଜକ ଅରୁଣ କୁମାର ମିଶ୍ର, ପୁରୋହିତ ସୁରେଶ ଚନ୍ଦ୍ର ମିଶ୍ର, ମହେଶ୍ୱର ଦ୍ୱିବେଦୀ ପ୍ରମୁଖ ପ୍ରକାଶ କରିଛନ୍ତି। ଧାରଣାକୁ ସ୍ଥଗିତ ରଖିବା ସହିତ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବିନୀତ ଭରଦ୍ୱାଜ ପ୍ରତିଶ୍ରୁତି ଦେଇଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୭ ଜୁଲାଇ ୨୦୨୧

## କେନାଲରେ ବୁଡ଼ି ଜଣେ ମୃତ

ହାଟଡିହି,(ଡି.ଏନ.ଏ.): କେନ୍ଦୁଝର ଜିଲା ନନ୍ଦିପଦା ଥାନା ମରେଗାଁ ପଞ୍ଚାୟତ ନିଶଙ୍କପୁର ଗ୍ରାମର ଇଶ୍ୱର ଚନ୍ଦ୍ର ଜେନା କେନାଲରେ ବୁଡ଼ି ପ୍ରାଣ ହରାଇଛନ୍ତି । ଖବରରୁ ଜଣାଯାଇଛି ଯେ ଇଶ୍ୱର ଚନ୍ଦ୍ର ସକାଳୁ ଶୌଚ ହେବାକୁ ଯାଇ କେନାଲ ଭିତରେ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି । ପୋଲିସ ମଡ଼ତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।



## ସଂକ୍ଷେପରେ

### ମାରଣାସ୍ତ୍ର ସହ ବ୍ରାଉନସୁଗାର ଜବତ, ଜଣେ ଗିରଫ

ରୂପ୍‌ସା,୨୬।୭(ଡି.ଏନ.ଏ.): ବାଲେଶ୍ୱର ସ୍ପେଶାଲ ସ୍କ୍ୱାଡ ପକ୍ଷରୁ ସୋମବାର ସଦର ବ୍ଲକ ରୂପ୍‌ସା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଛି। ଆଘିରିଆ ଗ୍ରାମର ବ୍ରାଉନସୁଗାର ବେପାରୀ ସୁବ୍ରତ ଗିରିଙ୍କୁ ଗିରଫ କରାଯିବା ସହ ତାଙ୍କ ଠାରୁ ୩.୮ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଅଭିଯୁକ୍ତ ବାଇକରେ ମାରଣାସ୍ତ୍ର ସହ ବ୍ରାଉନ୍‌ସୁଗାର ନେଇ ଯାଉଥିଲେ। ପୋଡ଼ାଡିହା ଛକ ଠାରେ ରୂପ୍‌ସା ଓ ବସ୍ତା ପୋଲିସ ସହାୟତାରେ ସ୍ପେଶାଲ ସ୍କ୍ୱାଡ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ବାଇକ୍ ସହ ମାରଣାସ୍ତ୍ର ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ମାମଲା (ନଂ. ୮୭/୨୧) ରୁଜୁ ହୋଇଛି। ମାଜିଷ୍ଟ୍ରେଟ୍ ଅତନୁ ପ୍ରଧାନ, ଏସ୍‌ଡିପିଓ ଜଳନ୍ଧର ଜାଲି ଓ ଥାନାଧିକାରୀ କମଳାକାନ୍ତ ଦାସ ତଦନ୍ତ ଜାରି ରଖିଛନ୍ତି।

### ଡ୍ରାଇଭରଙ୍କ ବିକ୍ଷୋଭ

ବାସୁଦେବପୁର,୨୬।୭(ଡି.ଏନ.ଏ.):ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନ କ୍ରମେ କୋଭିଡ୍ ଟିକାକରଣ ଦାବିରେ ବାସୁଦେବପୁରର ଶତାଧିକ ଡ୍ରାଇଭର ସୋମବାର ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାସଂଘର ଜିଲା ସଭାପତି ଦିଲୀପ ସାହୁଙ୍କ ନେତୃତ୍ୱରେ ଗାଡ଼ି ଚାଳକମାନେ ଶୋଭାଯାତ୍ରାରେ ବାହାରି ଅଫ୍‌ଲାଇନରେ ଟିକା ନେବାକୁ ଦାବି କରିଥିଲେ। ବିଡିଓ ପ୍ରଣବ କୁମାର ବେହେରା ଏବଂ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

### ଉତ୍ୟକ୍ତ ଲୋକେ ଡାକ୍ତରଖାନା ତାଲା ଭାଙ୍ଗିଲେ

କପ୍ତିପଦା,୨୬।୭(ଡ଼ି.ଏନ୍.ଏ): ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ ଡାକ୍ତରଖାନାଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଡାକ୍ତରଖାନା ଖୋଲି ନ ଥିବାରୁ ଉତ୍ୟକ୍ତ ଲୋକେ ହାତୁଡ଼ିରେ ପିଟି ତାଲା ଭାଙ୍ଗି ଦେଇଥିଲେ। କଟୁରିଆ ଗ୍ରାମର ଶାମ ସିଂଙ୍କ ୬ ବର୍ଷର ଝିଅକୁ ଜ୍ୱର ହେଉଥିବାରୁ ସେ ତାଙ୍କୁ ନେଇ ଡାକ୍ତରଖାନା ଆସିଥିଲେ। ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ଡାକ୍ତରଖାନା ଖୋଲି ନ ଥିଲା। ପିଲାଟିର ଅବସ୍ଥା ଦେଖି ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ଡାକ୍ତରଖାନାରେ ପଡ଼ିଥିବା ତାଲାକୁ ଭାଙ୍ଗି ଦେଇଥିଲେ। ପରେ ଆଟେଣ୍ଡାଣ୍ଟ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିବା ବେଳେ ଆୟୁଷ ଡାକ୍ତର ଶ୍ରଦ୍ଧାଞ୍ଜଳି ପଣ୍ଡା ପିଲାଟିର ଚିକିତ୍ସା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏସଂକ୍ରାନ୍ତରେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଉମାକାନ୍ତ ବାସ୍କେଙ୍କୁ ପଚାରିବାରୁ ଚାବିଟି ଭୁଲରେ ଫାର୍ମାସିଷ୍ଟ ନେଇଯାଇ ଥିଲେ। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ କରାଯିବ ବୋଲି କହିଛନ୍ତି।

### କଲେଜ ନୂତନ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ରୂପ୍‌ସା,୨୬।୭(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ନୀଳମଣି କଲେଜର ନୂତନ ଅଧକ୍ଷ ପ୍ରାଧାପକ ବସନ୍ତ କୁମାର ଭୋଇଙ୍କୁ ସୋମବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ କର୍ମଚାରୀ ସଙ୍ଗଠନ ପକ୍ଷରୁ ସମ୍ମିଳନୀ କକ୍ଷରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାଧାପିକା କଳ୍ପନା ମଞ୍ଜରୀ ପାତ୍ର ଓ ଆଲୋକ ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଡ. ପ୍ରସନ୍ନ ମନ୍ତ୍ରୀ, ଡ. ତପନ ବେହେରା, ଚନ୍ଦନ ଦାସ ପ୍ରମୁଖ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶ୍ରୀଧର ମହାପାତ୍ର, ନିରଞ୍ଜନ ମହାଲିକ, ନରେନ୍ଦ୍ର ମହାପାତ୍ର, ଧରିତ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଟକଣାରେ ଖୋଲିଲା ସ୍କୁଲ

କେନ୍ଦୁଝର/ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ,୨୬।୭ (ସ୍ୱ.ପ୍ର.)

କରୋନା ମହାମାରୀରୁ ସାମାନ୍ୟ ଆଶ୍ୱସ୍ତି ପରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସୋମବାର ବିଦ୍ୟାଳୟ ଖୋଲିଛି। କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବାକୁ ଆସିଥିବା ବେଳେ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲାରେ ବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ ସେତେ ଆଖିଦୃଶିଆ ହୋଇପାରି ନାହିଁ। ଜିଲାର ସମୁଦାୟ ୧୩ଟି ବ୍ଲକର ୪୪୯ ସ୍କୁଲରେ ସମୁଦାୟ ୨୬,୭୩୦ ଜଣ ନାମ ଲେଖାଇଥିବା ବେଳେ ସେଥିରୁ ପ୍ରଥମ ଦିନରେ ୭୯୩୫ ଜଣ ସ୍କୁଲ ଆସି ପାଠ ପଢିଥିଲେ। ଉପସ୍ଥାନ ହାର ୨୯.୬୮ ପ୍ରତିଶତ ରହିଥିବା ଜଣାପଡିଛି। ଅବଶିଷ୍ଟ ମଧ୍ୟରୁ ୬୧୩୭ ଜଣ ଅନଲାଇନରେ ପାଠ ପଢିଥିବା ଜଣାପଡିଛି। ପ୍ରଥମ ଦିନରେ ସମୁଦାୟ ୪୩୩୩ ଜଣ ଶିକ୍ଷୟତ୍ରୀଶିକ୍ଷକ ସ୍କୁଲ ଆସି ପାଠ ପଢାଇଥିଲେ। ଜିଲାରେ ସମୁଦାୟ ୧୪,୬୨୪ ଜଣ ବିଭିନ୍ନ ସରକାରୀ ସ୍କୁଲରେ ପଢୁଥିବା ବେଳେ ୪୪୬୩ ଜଣ ଆଜି ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ସରକାରୀ ଅନୁଦାପ୍ରାପ୍ତ ସ୍କୁଲରେ ୯୧୭୨ ଜଣ ନାମ ଲେଖାଇଥିବା ବେଳେ ୨୫୫୯ ଜଣ ସ୍କୁଲରେ ସୋମବାର ଉପସ୍ଥିତ ଥିଲେ। ସେହିପରି ଘରୋଇ ଓଡିଆ ସ୍କୁଲର ୧୯୪୬ ଜଣଙ୍କ ମଧ୍ୟରୁ ୯୩୮ ଜଣ ଓ ଘରୋଇ ଇଂରାଜୀ ସ୍କୁଲର ୯୮୮ ଜଣଙ୍କ ମଧ୍ୟରୁ ୨୪୪ ଜଣ ଉପସ୍ଥିତ ଥିଲେ ବୋଲି ଶିକ୍ଷା ବିଭାଗ ତଥ୍ୟରୁ ଜଣାପଡ଼ିଛି।



ଚମ୍ପୁଆର ଏକ ବିଦ୍ୟାଳୟ ଶ୍ରେଣୀଗୃହରେ ଛାତ୍ରୀଛାତ୍ର।

ବାଲେଶ୍ୱର ଜିଲାସ୍କୁଲର ପ୍ରଧାନ ଶିକ୍ଷକ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ କହିବା ଅନୁସାରେ, କୋଭିଡ୍ ଗାଇଡଲାଇନ୍ ଅନୁସାରେ ଛାତ୍ରଛାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂଠାରୁ ଆରମ୍ଭ କରି ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଶ୍ରେଣୀଗୃହରେ ଅତିବେଶୀରେ ୨୫ ଜଣ ପିଲା ବସୁଥିବା ବେଳେ ସାମାଜିକ ଦୂରତା ରକ୍ଷା ପାଇଁ ଛାତ୍ରୀଛାତ୍ର ଜଣେ ଅନ୍ୟଜଣଙ୍କ ଠାରୁ ଦେଢ଼ମିଟର ଦୂରରେ ବସୁଛନ୍ତି। କେବଳ ଛୁଟିଦିନ ଓ ରବିବାର ବ୍ୟତୀତ ଅନ୍ୟ ସମସ୍ତ ଦିନରେ ବିଦ୍ୟାଳୟରେ ପାଠପଢ଼ା ଯିବ। ସକାଳ ୧୦ଟାରୁ ଦିନ ଦେଢଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଶ୍ରେଣୀଗୃହ ପାଠପଢାରେ କୌଣସି ପ୍ରକାର ଖେଳ ଛୁଟି ବା ଟିଫିନ ଖାଇବା ସମୟ ଦିଆଯିବ ନାହିଁ । ଆସନ୍ତା ୩୦ ତାରିଖରୁ ହେବାକୁ ଥିବା ଅଫଲାଇନ ମ୍ୟାଟ୍ରିକ ପରୀକ୍ଷା ପାଇଁ ସ୍କୁଲରେ ପାଠପଢା ବନ୍ଦ ରହିବ।

### ଛାତ୍ରୀଛାତ୍ର ଉତ୍ସାହିତ

ସେହିପରି ଭଦ୍ରକ ଜିଲାରେ ବିଭିନ୍ନ ବିଦ୍ୟାଳୟରେ ଶ୍ରେଣୀଗୃହକୁ ପ୍ରବେଶ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଥର୍ମାଲ ସ୍କାନିଂ ଓ ସାନିଟାଇଜ କରାଯାଇଥିଲା। ଗୋଟିଏ ଶ୍ରେଣୀଗୃହରେ ୧୫ଜଣ ଲେଖାଏଁ ପାଠ ପଢୁଥିବା ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ର ମାସ୍କ ପିନ୍ଧି ସ୍କୁଲକୁ ଆସିଥିଲେ। ଦୂରତା ବଜାୟ ରଖି ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କ୍ଲାସ ହୋଇଥିବା ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ଚକ୍ରଧର ମଲ୍ଲିକ କହିଥିଲେ।

# ସୁବର୍ଣ୍ଣରେଖାରେ ବନ୍ୟାଜଳ



ବାଲିଆପାଳ,୨୬।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧ ଦେଇ ଯାଇଥିବା ସୁବର୍ଣ୍ଣରେଖା ନଦୀରେ ସୋମବାର ଅପରାହ୍ନ ସୁଦ୍ଧା ବନ୍ୟାଜଳ ପ୍ରବାହିତ ହେବାରେ ଲାଗିଛି। ବନ୍ୟାଜଳ ଆସିବାରୁ ତଳିଆ ଅଞ୍ଚଳର ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି। ବିଳମ୍ବରେ ବର୍ଷା ହୋଇଥିଲେ ମଧ ଚାଷୀମାନେ ଚାଷ କାମ ଆରମ୍ଭ କରିଥିଲେ। ହେଲେ ବନ୍ୟା ଜଳ ଆସି ଜମିରେ ମାଡ଼ିଗଲେ ଛୋଟ ଛୋଟ ଧାନ ଗଛ ସହ ବିଭିନ୍ନ ପରିବା ଚାଷ ମଧ ନଷ୍ଟ ହେବାର ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ୩ଟା ବେଳେ ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ବିପଦ ସଙ୍କେତ ତଳେ ୬.୭୧ ମିଟରରେ ରହିଥିଲା। ସେଠାରେ ବିପଦ ସଙ୍କେତ ୧୦.୩୬ ମିଟର ରହିଛି।

### ଚିନ୍ତାରେ ତଳିଆ ଅଞ୍ଚଳର ଚାଷୀ

# ୨ ପୁସ୍ତକ ଲୋକାର୍ପଣ

ଭଦ୍ରକ ଅଫିସ,୨୬।୭

ପ୍ରେମ ଏକ ତ୍ୟାଗପୂତ ପ୍ରାର୍ଥନା। ସମର୍ପଣ ଭାବ ଥିଲେ ତାହା ପ୍ରେମ ଏବଂ ସମର୍ପଣ ଭାବ ନ ଥାଇ ସ୍ୱାର୍ଥ ନିହିତ ଥିଲେ ତାହା ଅପରାଧ ବୋଲି ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସମ୍ପାଦିତ 'ପ୍ରେମରେ ପ୍ରେମରେ ଅପରାଧ' ଓ 'ପ୍ରେମରେ ପ୍ରେମରେ ସ୍ୱୀକାରୋକ୍ତି' ଶୀର୍ଷକ ଦୁଇଟି ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରାଧ୍ୟାପକ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଏବଂ ଭଦ୍ରକର ଅତିରିକ୍ତ ଜିଲାପାଳ କବି ମଧୁସୂଦନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରେମ ପୃଥିବୀ ପତ୍ରିକାର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡାଙ୍କ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଇଂ. ଅଭୟ ସୂତାର, କାହ୍ନୁଚରଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଖବରଦାତା ରବିନାରାୟଣ ଖିଲାର, ଅବିନାଶ ପଣ୍ଡା, ରୋଟାରିଆନ ଶିଶିର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ରୋଟାରିଆନ ନାସିର ବକ୍ସ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# 'ମାଣତ୍ରୀ ଶୈବପୀଠର ହେବ ଉନ୍ନତିକରଣ'

ବାରିପଦା ଅଫିସ,୨୬।୭

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀସ୍ଥିତ ଶୈବପୀଠ ବାବା କଖାରୁଆ ବୈଦନାଥଙ୍କ ମନ୍ଦିରର ଉନ୍ନତି, ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ଉନ୍ନତି କରାଯିବ । ୩ଦିନ ମଧ୍ୟରେ ଉନ୍ନତି କରଣ କାର୍ଯ୍ୟର ରୂପରେଖ ଓ ଅଟକଳ ପ୍ରସ୍ତୁତି ଆରମ୍ଭ ସାଙ୍ଗକୁ ଆସନ୍ତା ସେପ୍ଟେମ୍ବରରୁ ନିର୍ମାଣକାର୍ଯ୍ୟ ଆରମ୍ଭ ହେବ ବୋଲି ସୋମବାର ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସେହିପରି ମାଣତ୍ରୀ କଲେଜ ସମ୍ମୁଖରେ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ବିଭାଗ ପାଇଁ ଉଦ୍ଦିଷ୍ଟ ୩ଏକର ଜମି(ଖାତାନଂ. ୪୦୫, ପ୍ଲଟନଂ. ୪୧୭/୧)କୁ ଚିହ୍ନଟ ପୂର୍ବକ ଦଖଲମୁକ୍ତ କରିବାକୁ ମନ୍ତ୍ରୀ ବଡ଼ସାହି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧୀକ୍ଷକ ଅଶ୍ୱନୀ କୁମାର ଶତପଥୀଙ୍କ ନେତୃତ୍ୱରେ ଏକ ବୈଷୟିକ ଟିମ୍ ମନ୍ଦିର ପରିଦର୍ଶନ କରିଛନ୍ତି । ପୁରାତନ ମନ୍ଦିରର, ବେଢ଼ା ଓ ଭିତରପାର୍ଶ୍ୱ ମରାମତି, କୁଣ୍ଡି(ଜଳାଶୟ)ରେ ବୋଟିଂ ବ୍ୟବସ୍ଥା ସହିତ ଏକ ଝୁଲାପୋଲ ସ୍ଥାପନ ପାଇଁ ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା, ବଡ଼ପଣ୍ଡା ମାନସ ରଞ୍ଜନ ପଣ୍ଡା, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଶୁଭେନ୍ଦୁ ମଙ୍ଗରାଜ, ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ ପ୍ରମୁଖ ଦାବି କରିଥିଲେ। ସେହିପରି ମନ୍ଦିରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ସହିତ ଏକ ସ୍ୱାଗତ ଗେଟ ନିର୍ମାଣ, ରାସ୍ତାର ଉଭୟ ପାର୍ଶ୍ୱ ଆଲୋକିକରଣ ଆଦି ପ୍ରସ୍ତାବ ଦିଆଯାଇଛି । ମାଣତ୍ରୀ ପୀଠ ସହିତ ନୂତନ ଭାବେ ଘୋଷିତ ଦୁର୍ଗାଦେବୀ, ରେମୁଣା, ନୀଳଗିରି, ପଞ୍ଚଲିଙ୍ଗେଶ୍ୱର, ଦେବକୁଣ୍ଡ, ଶମୀବୃକ୍ଷ ଓ ହରିପୁରଗଡ଼କୁ ନେଇ ଏକ ପର୍ଯ୍ୟଟନ କରିଡ଼ର ଘୋଷଣା ପୂର୍ବକ ସ୍ୱତନ୍ତ୍ର ପ୍ରଦାନ ପାଇଁ ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି।

# ବକେୟା ଦାବିରେ ବ୍ଲକ ଅଫିସରେ ତାଲା



ସରପଞ୍ଚମାନେ ବ୍ଲକ ଅଫିସ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି।

ଭଣ୍ଡାରିପୋଖରୀ, ୨୬।୭ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଭାଜପା ଓ କଂଗ୍ରେସ ସମର୍ଥିତ ସରପଞ୍ଚମାନେ ଟିଏମ୍‌ସି (ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର) ପରିଚାଳନା କରି ବକେୟା ଅର୍ଥ ନ ପାଇ ସୋମବାର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ବକେୟା ଅର୍ଥ ପୈଠ ଦାବି କରି ସରପଞ୍ଚ ଜଗବନ୍ଧୁ ଦାସ, ସୁବାସ କାଣ୍ଡି, ପ୍ରଶାନ୍ତ ସାହୁ, ମନୋଜ ନାୟକ, ବିଜୟ ସ୍ୱାଇଁ, ଜୟନ୍ତୀ ବେହେରା, ବିଜୟ ଶଙ୍କର ମହାନ୍ତି, କୈଳାସ ଜେନା ପ୍ରମୁଖ ଧାରଣାରେ ବସିଛନ୍ତି। ବକେୟା ପୈଠ ନେଇ ମିଳୁଥିବା ପ୍ରତିଶ୍ରୁତି ପୂରଣ ହେଉ ନ ଥିବା ଅଭିଯୋଗ କରି ସେମାନେ ତାଲା ପକାଇ କାହାରିକୁ କାର୍ଯ୍ୟାଳୟକୁ ଛାଡ଼ି ନ ଥିଲେ। ଫଳରେ ବ୍ଲକ ଅଫିସ୍‌ର ସମସ୍ତ କାର୍ଯ୍ୟ ବନ୍ଦ ରହିଥିଲା। ଅନ୍ୟପକ୍ଷେ ବିଜେଡି ସମର୍ଥିତ ସରପଞ୍ଚ ବୈଠକ କରି ଏହାକୁ ବିରୋଧ କରିଛନ୍ତି। ସରପଞ୍ଚ ଗୀତାଞ୍ଜଳି ସାମଲ, ଅଲିଭା ନାୟକ, କାମିନୀବାଳା ନାୟକ, ଲକ୍ଷ୍ମୀ ପ୍ରିୟଦର୍ଶିନୀ ଭାରତୀ, ସୁବାସିନୀ ରାଉତ, ସଙ୍ଗୀତା ଖଣ୍ଡାୟୀ, ପ୍ରମିଳା ସାହୁ, ରଞ୍ଜୁଲତା ସେଠୀ, ସଦାଶିବ ଦାସ, ବଦ୍ରିନାରାୟଣ ରାଉତ ପ୍ରମୁଖ ଏହାକୁ ବିରୋଧ କରି ବିଡିଓଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି।

### ଧାରଣା ଦେଲେ ସରପଞ୍ଚ

# ମହାନାଳ ସ୍ଥିତି ସମୀକ୍ଷା କଲେ ବିଧାୟକ

ବାଲେଶ୍ୱର ଅଫିସ,୨୬।୭

ବାଲେଶ୍ୱର ପୌରପାଳିକାର ମହାନାଳ ସହରର ଜଳ ନିଷ୍କାସନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବର୍ଷାଦିନେ ଏହି ମହାନାଳ ଭର୍ତ୍ତି ହୋଇଯାଇଥିବା କାରଣରୁ ବିଭିନ୍ନ ପ୍ରକାରର ସମସ୍ୟା ଉପୁଜିଥାଏ। ସହରର ତଳିଆ ଅଞ୍ଚଳରେ ଥିବା ବସ୍ତିଗୁଡ଼ିକରେ ପାଣି ପଶି ଯାଇ କୃତ୍ରିମ ବନ୍ୟା ଦେଖାଦେଇଥାଏ। ଏହାର ସ୍ଥାୟୀ ସମାଧାନ ପାଇଁ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ସୋମବାର ପୌରପାଳିକାର ୧୩ ନମ୍ବର ୱାର୍ଡ ମାକଲପୁର ଏବଂ ୨୨ ନମ୍ବର ୱାର୍ଡର ଲୋକନାଥ ମନ୍ଦିର ସମ୍ମୁଖରେ ମହାନାଳ ସମେତ ସଂଲଗ୍ନ ନାଳକୁ ଦେଖିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ନଗରପାଳ ଆଲୋକ ସାହୁ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ମନୋଜ ଆଚାର୍ଯ୍ୟ, ସଞ୍ଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ସ୍ୱରୂପ କୁମାର ଦାସ ମହାନାଳ ବୁଲି ଦେଖୁଛନ୍ତି ।

# ଜିଲା ପରିଷଦ ସଦସ୍ୟଙ୍କୁ ଆକ୍ରମଣ ନେଇ ମାମଲା

ଭଣ୍ଡାରିପୋଖରୀ,୨୬।୭(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ବଜାରଠାରେ ରବିବାର ଜିଲା ପରିଷଦସଦସ୍ୟ ତଥା ଛାତ୍ରବିଜେଡିସଭାପତି ଦୀପ୍ତିସୂର୍ଯ୍ୟ ଭରତେନ୍ଦୁ ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏ ନେଇ ତାଙ୍କ ସାନଭାଇ ତପ୍ତସୂର୍ଯ୍ୟଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୨୨୯/୨୧) ରୁଜୁ କରି ତଦନ୍ତ ଚଳାଇଛି। ତପ୍ତସୂର୍ଯ୍ୟଙ୍କ ଅଭିଯୋଗ ଅନୁଯାୟୀ, ମଞ୍ଜୁରୀରୋଡ ବଜାର ମଧ୍ୟରେ ଥିବା ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ପରିସରରେ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଥିଲା। ସେ କାମ ତଦାରଖ କରୁଥିବା ବେଳେ ୧୦ରୁ ୧୫ ଜଣ ବ୍ୟକ୍ତି ସେଠାରେ ପହଞ୍ଚି ତାଙ୍କୁ ଚାନ୍ଦା ମାଗିଥିଲେ। ସେ ନ ଦେବାରୁ ସେମାନେ ଗାଳିଗୁଲଜ ସହ ମାରଧର କରିଥିଲେ। ଖବର ପାଇ ଦୀପ୍ତିସୂର୍ଯ୍ୟ ତାଙ୍କ ସହଯୋଗୀ ଗୌରାଙ୍ଗ ଜେନାଙ୍କ ସହ ବାଇକ୍‌ରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ସେହି ବ୍ୟକ୍ତିମାନେ ଜାତିଆଣ ଆକ୍ଷେପ ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଦୀପ୍ତିସୂର୍ଯ୍ୟଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଦୀପ୍ତିସୂର୍ଯ୍ୟ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷେ ସାତଶୋଳା ଗ୍ରାମର ମୋହନ ଦାସଙ୍କ ଅଭିଯୋଗ କ୍ରମେ ଦୀପ୍ତିସୂର୍ଯ୍ୟ ଓ ତପ୍ତସୂର୍ଯ୍ୟ, ସହଯୋଗୀ ମଳୟ ରଞ୍ଜନ ଜେନା, ଦେବବ୍ରତ ଜେନାଙ୍କ ନାମରେ ମାମଲା (ନଂ.୨୩୦/୨୧) ରୁଜୁ ହୋଇଛି। ମୋହନ ଏତଲାରେ ଦର୍ଶାଇଛନ୍ତି, ସ୍କୁଲ ନିକଟରେ ଥିବା ସମୟରେ ଦୀପ୍ତିସୂର୍ଯ୍ୟଙ୍କ ପକ୍ଷରୁ ଅପରପକ୍ଷକୁ ଆକ୍ରମଣ କରାଯାଇଥିବା ଦେଖିଥିଲେ। ସେମାନଙ୍କୁ ଧରିବା ପାଇଁ ଯାଇଥିବା ବେଳେ ସେ ମଧ ଆକ୍ରମଣର ଶିକାର ହୋଇଥିଲେ।

# ପାଟ୍ରୋଲିଂବେଳେ ଟ୍ରକ୍, ଅଟୋ ଜବତ

ଯୋଡ଼ା,୨୬।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ପୋଲିସ ରବିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବାବେଳେ ଏକ ନିଛାଟିଆ ଜାଗାରେ ସନ୍ଦିଗ୍ଧ ଅବସ୍ଥାରେ ଗୋଟିଏ ଟ୍ରକ୍ ଏବଂ ଅଟୋ ଠିଆ ହୋଇଥିବା ଦେଖିବାକୁ ପାଇଥିଲେ। ଟ୍ରକ୍ ଓ ଅଟୋ ନିକଟରେ ଥିବା ଏକାଧିକ ବ୍ୟକ୍ତି ପୋଲିସ ଗାଡ଼ିକୁ ଦେଖି ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଘଟଣାସ୍ଥଳରୁ ଟ୍ରକ ଓ ଅଟୋକୁ ପୋଲିସ ଜବତ କରି ଥାନା ପରିସରରେ ରଖିଥିବା ଓଆଇସି ଅମିତ ଭୂୟାଁ କହିଛନ୍ତି। ଚୋରା ଖଣିଜ କାରବାର କରିବା ପାଇଁ ଏମାନେ ଯୋଜନା କରୁଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଏଯାଏ ଟ୍ରକ ଏବଂ ଅଟୋର ଦାବିଦାର ଆସି ନ ଥିବା ଓଆଇସି କହିଛନ୍ତି।

# କେନ୍ଦୁଝର, ଭଦ୍ରକ ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ସମନ

କେନ୍ଦୁଝର, ୨୬।୭ (ସ୍ୱ.ପ୍ର.): କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଖଣ୍ଡ ଖଣ୍ଡ ହତ୍ୟା କରି ଅଖାରେ ପୁରାଇ ଫୋପାଡିଦେବା ଘଟଣାରେ ଏନ୍‌ଏଚ୍‌ଆର୍‌ସି ବାରମ୍ବାର ଚିଠି ଲେଖି ଘଟଣା ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ ହେଁ ତଥ୍ୟ ଦେଇ ନ ଥିବାରୁ ସୋମବାର କେନ୍ଦୁଝର ଏସ୍‌ପି ଓ ଭଦ୍ରକ ଏସ୍‌ପିଙ୍କୁ ଅକ୍ଟୋବର ୪ରେ କମିଶନଙ୍କ ନିକଟରେ ହାଜର ହେବାକୁ ଆଦେଶ କରିଛନ୍ତି। ତେବେ ସେପ୍ଟେମ୍ବର ୨୭ ସୁଦ୍ଧା ଉକ୍ତ ରିପୋର୍ଟ ଦାଖଲ କଲେ ବ୍ୟକ୍ତିଗତ ଉପସ୍ଥିତିକୁ ଛାଡ଼ କରିଦେବେ ବୋଲି କମିଶନ ଜଣାଇଥିବା ଅଭିଯୋଗକାରୀ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି। ୨୦୨୦ ମସିହା ଡିସେମ୍ବର ୩ତାରିଖରେ ପୋଲିସ ବିଭାଗକୁ ଉକ୍ତ ମାମଲା ନେଇ ରିପୋର୍ଟ ମାଗିଥିଲେ। ପରବର୍ତ୍ତୀ ସମୟରେ ଏନେଇ ଛଅ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲେ ହେଁ ରିପୋର୍ଟ ନ ପହଞ୍ଚିବାରୁ କମିଶନ ଏଭଳି ଆଦେଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ନଭେମ୍ବର ୨୦ରେ ଟାଉନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଖଣ୍ଡ ଖଣ୍ଡ ମୃତଦେହ ପୋଲିସ ଜବତ କରିଥିଲା। ପୂର୍ବରୁ ଉକ୍ତ ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ବାପା ଆନନ୍ଦପୁର ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ଖୋଜାଖୋଜି କରିବା ନେଇ କୌଣସି ତତ୍ପରତା ନ ଦେଖାଇବାରୁ ତାଙ୍କର ହତ୍ୟା ହେଲା ବୋଲି ପରିବାର ଲୋକ ଅଭିଯୋଗ କରିଥିଲେ।

### ନାବାଳିକାଙ୍କୁ ଖଣ୍ଡ ଖଣ୍ଡ କରି ହତ୍ୟା ଘଟଣା

# ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ଦାବି

ପାଟଣା,୨୬।୭(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ପାଟଣା ଅଞ୍ଚଳବାସୀ ସରକାରୀ କର୍ମଚାରୀଙ୍କ ଦରମା, ପେନ୍‌ସନ୍, ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ଆଦି କାମ ପାଇଁ ଦୀର୍ଘ ୩୫ କି.ମି. ଘଟଗାଁ ଟ୍ରେଜେରୀ ଉପରେ ନିର୍ଭର କରିଥାନ୍ତି। ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ପ୍ରତ୍ୟକ ବ୍ଲକରେ ଟ୍ରେଜେରୀ ସ୍ଥାପନ କରିବାର ନିୟମ ଥିଲେ ହେଁ ନ ଥିବାରୁ ପାଟଣାରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପାଟଣା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ବିଧାୟକ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାୟକ , ଭାଜପା ନେତା ଗୌତମ ନାୟକ ଓ ଭାଜପା ମହିଳା ନେତ୍ରୀ ଦାସମତି ଚାତାର କ୍ଷୋଭ ପ୍ରକାଶ କରିବା ସହ ସରକାର ପାଟଣା ମୁଖ୍ୟାଳୟରେ ତୁରନ୍ତ ଟ୍ରେଜେରୀ ଓ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ କରିବାକୁ ଦାବି କରିଛନ୍ତି।

# ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର ଅଫିସ,୨୬।୭

ବାଲେଶ୍ୱର ଜିଲା ସଦର ବ୍ଲକ ରସୁଲପୁର ପଞ୍ଚାୟତରେ ସରକାରଙ୍କ ଆବାସ ଯୋଜନାରେ ପ୍ରକାଶିତ ତାଲିକାରେ ହିତାଧିକାରୀ ଚୟନରେ ଅନିୟମିତତା ନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିକଟରେ ଅଭିଯୋଗ ହୋଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ହେରଫେର କରାଯାଉଥିବା ଅଭିଯୋଗ କରିଛି ବିଜେଡି। ଉକ୍ତ ପଞ୍ଚାୟତର ମଇଁଶାଳୀ ଗ୍ରାମର ୧୪, ପାରିଭିଲାର ୨୩, କଳତାଡ଼ିହାର ୧୨, ମନୁଡିହାର ୨୪, କୁଶୁଡିହାର ୩୭, ରସୁଲପୁରର ୮, ବଡ଼ଧନାଡ଼ିର ୭୫, ଓଲାଡ଼ିର ୧୭ ହିତାଧିକାରୀଙ୍କ ନାମ ତାଲିକାରେ ସଂଯୋଗ ନିମନ୍ତେ ଦାବି ହୋଇଛି। ପାତରଅନ୍ତର କରି ତାଲିକାରେ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଅନ୍ତର୍ଭୁକ୍ତ କରାଯାଉଛି। ଏହାର ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରି ତାଲିକାରେ ଅନ୍ତର୍ଭୁକ୍ତ ସହ ପଞ୍ଚାୟତ ଓ ବ୍ଲକର ଡିସ୍‌ପ୍ଲେ ବୋର୍ଡରେ ନାମ ଲଗାଇବା ପାଇଁ ଦାବି କରାଯାଇଛି। ତଦନ୍ତ କରାଯାଇ ଏଆଇସିସି ତାଲିକାରେ ବାକି ଥିବା ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ ପାଇଁ ମଧ ଦାବି ହୋଇଛି। ଆସନ୍ତା ୭ ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ ନ ହେଲେ ୪ ତାରିଖଠାରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ। ରସୁଲପୁର ପଞ୍ଚାୟତର ବିଜେଡି ସଭାପତି ତଥା ପୂର୍ବତନ ସମିତିସଦସ୍ୟ ଅଙ୍କୁର ତରାଇ, ସମିତିସଭ୍ୟା ବାସନ୍ତୀ ପାଣି, ପୂର୍ବତନ ସମିତି ସଦସ୍ୟ ସୁବ୍ରତ ପରିଡ଼ା, ୱାର୍ଡ଼ସଭ୍ୟ ସୁରେଶ ପ୍ରଧାନ, ସୁନିତା ମାଝି, ଦୀପା ମାଝି, ଜ୍ଞାନ ଗୋଚ୍ଛାୟତ ପ୍ରମୁଖ ଏହି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୋଗକାରୀ।

### ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚେତାବନୀ

